## ଖବର ପ୍ରକାଶ ପରେ ବଢ଼ିଲା ବଗି

# ଭଞ୍ଜପୁର-ପୁରୀ ଟ୍ରେନ୍ ପାଇଁ ଦୁଇଟି ବଗି ବୃଦ୍ଧି

ବାରିପଦା,୧୨।୬(ସମିସ)

ଭଞ୍ଜପୁର-ପୁରୀ ଏକ୍ସପ୍ରେସ ଟ୍ରେନ (୧୮୦୧୭/୧୮)ରେ ଯାତ୍ରୀଙ୍କ ଆବଶ୍ୟକତାକୁ ଦକ୍ଷିଣ-ପୂର୍ବ ରେଳବାଇ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରୁଥିବାରୁ ଯାତ୍ରୀ ମହଲରେ ତୀବ୍ର ଅସନ୍ତୋଷ ସମ୍ପର୍କିତ ଖବର ପ୍ରକାଶ ପରେ ରେଳବାଇ କର୍ତ୍ତୃପକ୍ଷ ୨ଟି ବଗି ବୃଦ୍ଧି କରିଛନ୍ତି। ୧୩ ତାରିଖରୁ ଏହି

## ଗୋଟିଏ ଚେୟାର କାର୍ ଓ ଗୋଟିଏ ସ୍ଲିପର କୋଚ୍

ଟ୍ରେନରେ ଗୋଟିଏ ଚେୟାର କାର୍ ଓ ଗୋଟିଏ ସ୍ଲିପର କୋଚ ବଗି ବୃଦ୍ଧି ପାଇବ। ଏ ନେଇ ଆଜି ବିଜ୍ଞପ୍ତି ପ୍ରକାଶ ପାଇବା ପରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିବା ମୟୂରଭଞ୍ଜ ରେଳଯାତ୍ରୀ ଫୋରମର ପ୍ରତିଷ୍ଠାତା ତଥା ପ୍ରାକ୍ତନ ଜେଡଆଇୟୁସିସି ସଦସ୍ୟ ଅଭିଜିତ ରାମ ଜଣାଇଛନ୍ତି। ଖବର ପ୍ରକାଶ ସହିତ ସେ ଦକ୍ଷିଣ-ପୂର୍ବ


ସକାଳ THE SAKALA
Mayurbhanj - 11 Jun 2026 - Page 4

### ଯାତ୍ରୀଙ୍କ ଆବଶ୍ୟକତାକୁ ରେଳ ବିଭାଗର ଅଣଦେଖା

ବାରିପଦା,୧୦।୬(ସମିସ):

- ଭଞ୍ଜପୁର-ପୁରୀ ଟ୍ରେନ୍‌ରେ ମିଳୁନି ଟିକଟ
- ୧୦ଟି ବଗିରୁ ଏବେ ଚାଲୁଛି ୯
- ୨ଟି ଥାର୍ଡ ଏସି କୋଚ ଓ ଅଧିକ ୩ଟି ସ୍ଲିପର କୋଚ ଦାବି

ରେଳବାଇର ମହାପ୍ରବନ୍ଧକ ଅନୀଲ କୁମାର ଜୈନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଦାବିର ଯଥାର୍ଥତା ବୁଝି ଉପରୋକ୍ତ ବଗି ଦୁଇଟି ସଂଯୋଗ ପାଇଁ ନିଷ୍ପତ୍ତି ନେଇଥିବାରୁ ଜିଲ୍ଲାବାସୀଙ୍କ ପକ୍ଷରୁ ଶ୍ରୀ ରାମ କୃତଜ୍ଞତା ଜଣାଇଛନ୍ତି।

ବର୍ତ୍ତମାନ ଏହି ଟ୍ରେନ ଯାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଥିବାବେଳେ ଟ୍ରେନରେ ଯାତ୍ରା ପାଇଁ ଟିକେଟ ମିଳିବା କଷ୍ଟକର ହୋଇପଡୁଥିଲା। ପୂର୍ବରୁ ଏହି ଟ୍ରେନରେ ୧୦ଟି ବଗିଥିବାବେଳେ ଏହାକୁ ୯କୁ କମାଇ ଦିଆଯାଇଥିଲା। ଫଳରେ ନିର୍ଭରଶୀଳ ଯାତ୍ରୀ ଟ୍ରେନରେ ଯାତାୟାତରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଥିଲା। ଦୁଇଟି ବଗି ମଞ୍ଜୁର ପରେ ବର୍ତ୍ତମାନ ଏହି ଟ୍ରେନରେ ୩ଟି ସାଧାରଣ ବଗି, ୩ଟି ସ୍ଲିପର ବଗି, ୩ଟି ସଂରକ୍ଷିତ ବଗି ଓ ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ୨ଟି ବଗିରେ ଗାର୍ଡଭ୍ୟାନ ଓ ଲଗେଜ ରଖିବାର ବ୍ୟବସ୍ଥା ରହିବ। ଏହି ଟ୍ରେନରେ ପୁରୀ ସମେତ ଭୁବନେଶ୍ୱର ଓ କଟକ ପାଇଁ ଭଡ଼ା ବସ ତୁଳନାରେ ଶସ୍ତା ଥିବାରୁ ଯାତ୍ରୀ ଯିବାକୁ ଅଧିକ ପସନ୍ଦ କରୁଛନ୍ତି। ଏଣୁ ବଗି ବୃଦ୍ଧି ପାଇଁ ଦାବି ହେଉଥିଲା। ତେବେ ଯାତ୍ରୀଙ୍କ ଆବଶ୍ୟକତାକୁ ଲକ୍ଷ୍ୟ ରଖି ମୟୂରଭଞ୍ଜ ରେଳଯାତ୍ରୀ ଫୋରମ ପକ୍ଷରୁ ଅଧିକ ୩ଟି ସ୍ଲିପର କୋଚ ଓ ଆରାମଦାୟକ ଯାତ୍ରା ପାଇଁ ଅନ୍ୟୁନ ୨ଟି ଥାର୍ଡ ଏସି କୋଚ୍‌ର ବ୍ୟବସ୍ଥା ତୁରନ୍ତ କରିବାକୁ ଦାବି ହୋଇଥିଲା।

● ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ

## ୨୨୫୦ କେଜି ପୋଚ ନଷ୍ଟ, ୨୫୦ ଲିଟର ଦେଶୀମଦ ଜବତ



ମୋରଡା,୧୨।୬(ସମିସ): ଜଳେଶ୍ୱର ଅବକାରୀ ବିଭାଗର ସେଟେଲାଇଟ ଟିମ ଇନ୍ସପେକ୍ଟର ଲଖେଇ ସାଧବ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ମୋରଡା ବ୍ଲକର ଘୋଡାବନ୍ଧା ଓ ଖୁଣ୍ଟାପାଳଠାରେ ଚଢ଼ଉ କରି ବିପୁଳ ପରିମାଣରେ ପୋଚ ଓ ଦେଶୀ ମଦ ଜବତ କରିଛି। ଉକ୍ତ ଦୁଇ ସ୍ଥାନର ଜଙ୍ଗଲ ଭିତରେ ଚୋରାରେ ଦେଶୀ ମଦ ପ୍ରସ୍ତୁତ କରାଯାଉଥିବା ସମୟରେ ଅବକାରୀ ବିଭାଗକୁ ଦେଖି ଦୁର୍ବୃତ୍ତମାନେ ଖସି ପଳାଇଥିଲେ। ତେବେ ବିଭାଗ ପକ୍ଷରୁ ୨୨୫୦ କେଜି ପୋଚ ନଷ୍ଟ କରିବା ସହ ୨୫୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଚଢ଼ଉରେ ଅବକାରୀ ବିଭାଗର ସଲାଇ ହେମ୍ବ୍ରମ, ବରୁଣ ନାୟକ, ବିଶ୍ୱନାଥ ଭୋଇ, ମଧୁସ୍ମିତା ମହାନ୍ତ ପ୍ରମୁଖ ସାମିଲ ଥିଲେ। ବେଆଇନ ଭାବେ ତିଆରି ହେଉଥିବା ଦେଶୀମଦ ପିଇ ଅନେକ ସମୟରେ ବହୁ ଲୋକଙ୍କ ଜୀବନ ଯାଉଥିବାବେଳେ ଚଢ଼ଉକୁ ଆହୁରି ଜୋରଦାର କରିବାର ଆବଶ୍ୟକତା ରହିଛି ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ଆନନ୍ଦପୁରରେ ଦୁର୍ଗନ୍ଧ ଓ ଦୂଷିତ ଜଳର ଆତଙ୍କ



ଆନନ୍ଦପୁର, ୧୨।୬ (ସମିସ): ଆନନ୍ଦପୁର ସହରରେ ୱାଟକୋ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାନୀୟଜଳ ଦୂଷିତ ବୋଲି ଜଣାପଡ଼ିଛି। ଏହାର ଦୁର୍ଗନ୍ଧ ଯୋଗୁଁ ଅରୁଚିକର ହେଉଛି। ଏନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଜଳର ବ୍ୟବହାର ନେଇ ଏକପ୍ରକାର ଆତଙ୍କ ସୃଷ୍ଟି ହୋଇଛି। ଅନେକ ସମୟରେ ଗୋଳିଆପାଣି ଆସୁଥିବାରୁ ଏହା ସଂକ୍ରାମକ ରୋଗର କାରଣ ହେବ ବୋଲି ଆତଙ୍କ ଖେଳିଯାଇଛି। ପାଇପ୍ ଯୋଗେ ଆସୁଥିବା ପାଣି ଅନେକ ସମୟରେ ଗୋଳିଆ ରହୁଥିବା ବେଳେ ପାଣିରେ ବାଲିଗୁଣ୍ଡ ଆସୁଥିବା ବିଜେଡି ନେତା ବିରଞ୍ଚି ମହାପାତ୍ର ଅଭିଯୋଗ କରିଛନ୍ତି। ଜଳଯୋଗାଣ ଦାୟିତ୍ୱରେ ଥିବା ଠିକସଂସ୍ଥାର ମନମାନି ଯୋଗୁଁ ଏପରି ସମସ୍ୟା ହୋଇଥିବା ଜଣାଯାଇଛି। ୩ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତିନାମା ଥିଲେ ମଧ୍ୟ ଏପରି ଦାୟିତ୍ୱହୀନତା ନେଇ ଅନେକ ଲୋକ ଅଭିଯୋଗ କରୁଛନ୍ତି। ଜଳଯୋଗାଣରେ ଗୁଣବତ୍ତା ହ୍ରାସ ଅନେକାଂଶରେ ପରିଲକ୍ଷିତ ହୋଇଛି। ସାଧାରଣ ଲୋକ ଓ କେତେକ ଗ୍ରାହକ ଅଭିଯୋଗ କଲେ ବି ବିଭାଗୀୟ କର୍ମଚାରୀ ଅଭିଯୋଗ ଶୁଣୁ ନଥିବା ଅଭିଯୋଗ ହୋଇଛି। ଏପରି ସମସ୍ୟା ଆଜକୁ କିଛି ଦିନ ହେଲା ଲାଗି ରହିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ସମାଧାନ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରୁ ନଥିବା ନେଇ ଲୋକେ ଚିନ୍ତା ପ୍ରକଟ କରିଛନ୍ତି। ଆନନ୍ଦପୁର ପୌରପାଳିକାର ବିଭିନ୍ନ ସାହି ବସ୍ତିରେ ଆଜକୁ କିଛି ଦିନ ହେବ ପାଇପରୁ ଏପରି ଗୋଳିଆ ପାଣି ବାହାରୁଥିବା ବେଳେ ଶ୍ରୀଦଧିବାମନଜୀଉ ମନ୍ଦିରରେ ଥିବା ପାଇପରେ ଗୋଳିଆ ପାଣି ଆସୁଥିବାରୁ ରୋଷଘର ନୀତିରେ ବାଧା ସୃଷ୍ଟି ହୋଇଛି। ଏନେଇ କେତେକ ସଚେତନ ନାଗରିକ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବାରୁ ପାଣି ବ୍ୟବହାର କରୁଥିବା ଲୋକେ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। ଏଣୁ ୱାଟକୋ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଯୁବ କଂଗ୍ରେସ ନେତା ସେକ ଜାକିର ଦାବି ଜଣାଇଛନ୍ତି।

## ପୋଷ୍ଟ ମାଷ୍ଟରଙ୍କ ବିରୋଧରେ ଅର୍ଥ ଆତ୍ମସାତ୍ ଅଭିଯୋଗ

ରାଇରଙ୍ଗପୁର,୧୨।୬(ସମିସ): ପୋଷ୍ଟ ଅଫିସ ଟଙ୍କା ଆତ୍ମସାତ୍ କରିଥିବା ନେଇ ପୋଷ୍ଟ ମାଷ୍ଟରଙ୍କ ନାମରେ ତିରିଂ ଥାନାରେ ଅଭିଯୋଗ ହୋଇଛି। ତିରିଂ ଥାନା ଅନ୍ତର୍ଗତ ଭଗାବନ୍ଧୀ ଗ୍ରାମ ଗ୍ରାମୀଣ ଡାକ ସେବକ ଶାଖାର ପୋଷ୍ଟ ମାଷ୍ଟର ବିନୟ ସୋରେନ ୭୮,୦୮୦ ଟଙ୍କା ଆତ୍ମସାତ କରିଥିବା ନେଇ ବାମନଘାଟି ଉପଖଣ୍ଡ ଡାକ ନିରୀକ୍ଷକ ତନ୍ମୟ କୁମାର ସାହୁ ଅଭିଯୋଗ କରିଛନ୍ତି। ବିନୟ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟରତ ଥିବାବେଳେ ଗତ ୨୦୧୯ରେ ଉକ୍ତ ଟଙ୍କା ଆତ୍ମସାତ କରିଛନ୍ତି। ଆକାଉଣ୍ଟଧାରୀଙ୍କ କଷ୍ଟ ଅର୍ଜିତ ଅର୍ଥକୁ ଆକାଉଣ୍ଟରେ ଜମା ନ କରି ଆତ୍ମସାତ କରିଛନ୍ତି। ତିରିଂ ସବ୍‌ପୋଷ୍ଟ ଅଫିସରେ ଜମା ଟଙ୍କା ନ କରିବାରୁ ଅଡିଟ ସମୟରେ ଘଟଣା ବାବଦରେ ଜାଣିବାକୁ ପାଇଥିଲେ। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷ ଜାଣିବା ପରେ ଫେରସ୍ତ କରିବାକୁ କହିଥିଲେ। ସେ ଟଙ୍କା ଜମା କରିବା ବଦଳରେ ତାଙ୍କର କୌଣସି ଦେଖା ମିଳିନଥିଲା। ଯାହାକୁ ନେଇ ପୋଷ୍ଟାଲ ଅଧୀକ୍ଷକଙ୍କୁ ଜଣାଇବା ସହ ଘଟଣା ବାବଦରେ ତିରିଂ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ରଜରେ 'ରଜ ସୁନ୍ଦରୀ' ପ୍ରତିଯୋଗିତା ମୁଖ୍ୟ ଆକର୍ଷଣ




କରଞ୍ଜିଆ,୧୨।୬(ସମିସ): ଓଡ଼ିଆଙ୍କ ପାରମ୍ପରିକ ଗଣପର୍ବ ରଜ ଉପଲକ୍ଷେ କରଞ୍ଜିଆରେ ଆୟୋଜିତ ହେବାକୁ ଯାଉଥିବା 'ରଜ ସୁନ୍ଦରୀ' ପ୍ରତିଯୋଗିତାକୁ ନେଇ ସ୍ଥାନୀୟ ଅଞ୍ଚଳର ଝିଅ ଓ ନାରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ରଜ ପର୍ବର ଆନନ୍ଦକୁ ଦ୍ୱିଗୁଣିତ କରିବା ସହ ନାରୀ ପ୍ରତିଭା, ସୌନ୍ଦର୍ଯ୍ୟ ଓ ସାଂସ୍କୃତିକ ଚେତନାକୁ ଏକ ମଞ୍ଚରେ ଉପସ୍ଥାପନ କରିବା ଲକ୍ଷ୍ୟରେ କରଞ୍ଜିଆ ନୃତ୍ୟାଙ୍ଗନା ପକ୍ଷରୁ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଆସନ୍ତା ୧୪, ୧୫ ଓ ୧୬ ତାରିଖ ତିନିଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କରଞ୍ଜିଆ ଓ ଆଖପାଖ ଅଞ୍ଚଳର ଅନେକ ଯୁବତୀ ଓ ମହିଳା ଭାଗ ନେବାକୁ ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି। ପ୍ରତିଯୋଗିତାରେ ଅଂଶଗ୍ରହଣକାରୀ ନିଜର ନୃତ୍ୟ କୌଶଳ, ବ୍ୟକ୍ତିତ୍ୱ, ଆତ୍ମବିଶ୍ୱାସ, ମଞ୍ଚ ଉପସ୍ଥାପନା ଦକ୍ଷତା ଓ ଓଡ଼ିଆ ସଂସ୍କୃତି ସମ୍ପର୍କିତ ଜ୍ଞାନ ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ଏହା କେବଳ ଏକ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ନୁହେଁ, ବରଂ ନାରୀଙ୍କ ମଧ୍ୟରେ ଲୁଚି ରହିଥିବା ସୃଜନଶୀଳତା ଓ ପ୍ରତିଭାକୁ ସାମ୍ନାକୁ ଆଣିବାର ଏକ ପ୍ରୟାସ ବୋଲି ଆୟୋଜକ କହିଛନ୍ତି। ବିଜେତା ପ୍ରତିଯୋଗୀଙ୍କୁ ନଗଦ ପୁରସ୍କାର, ସମ୍ମାନପତ୍ର, ଟ୍ରଫି ଓ ଆକର୍ଷଣୀୟ ଉପହାର ପ୍ରଦାନ କରାଯିବ। ଏଥିସହିତ କରଞ୍ଜିଆ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଥିବା ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ସ୍ଥାନୀୟ ପ୍ରତିଭାଙ୍କୁ ଚିହ୍ନଟ କରି ସମ୍ମାନ ପ୍ରଦାନ କରିବା ଏହି ଉତ୍ସବର ଏକ ମୁଖ୍ୟ ଆକର୍ଷଣ ହେବ। ଏହି ସମଗ୍ର କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ବରିଷ୍ଠ ବିଜେଡି କର୍ମୀ ଓ ସମାଜସେବୀ ସିପୁ ନାୟକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କ ସହ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନର ସଦସ୍ୟ ଏହି ଉତ୍ସବକୁ ସଫଳ କରିବା ପାଇଁ ସହଯୋଗ କରୁଛନ୍ତି। ରଜ ପର୍ବ ଅବସରରେ ଦୋଳି ଖେଳ, ପିଠାପଣା, ପାରମ୍ପରିକ ଓଡ଼ିଆ ବେଶଭୂଷା, ଲୋକସଙ୍ଗୀତ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଆୟୋଜକମାନେ ଅଧିକରୁ ଅଧିକ ଝିଅ ଓ ନାରୀଙ୍କୁ ଏହି ପ୍ରତିଯୋଗିତାରେ ସାମିଲ ହୋଇ ନିଜ ପ୍ରତିଭାର ପରିଚୟ ଦେବା ସହ ରଜ ଉତ୍ସବର ଆନନ୍ଦକୁ ସାମିଲ ହେବାକୁ ଆହ୍ୱାନ ଜଣାଇଛନ୍ତି।

## ୨୨ତମ ସବଜୁନିୟର ବାଳକ ଓ ବାଳିକା ହ୍ୟାଣ୍ଡବଲ୍ ଚାମ୍ପିଅନ୍‌ସିପ



କେନ୍ଦୁଝର, ୧୨।୬(ସମିସ): କେନ୍ଦୁଝରରେ ଉଦଘାଟିତ ହୋଇଛି ୨୨ତମ ରାଜ୍ୟସ୍ତରୀୟ କନିଷ୍ଠ ବାଳକ ଓ ବାଳିକା ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍। କେନ୍ଦୁଝର ହ୍ୟାଣ୍ଡବଲ୍ ପଡ଼ିଆରେ ଆୟୋଜିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ସାଂସଦ ଅନନ୍ତ ନାଏକ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ରୂପେ ଭାରତୀୟ ହ୍ୟାଣ୍ଡବଲ୍ ଆସୋସିଏସନ୍ ଉପସଭାପତି ତଥା ରାଜ୍ୟ ହ୍ୟାଣ୍ଡବଲ ସଂଘର ସମ୍ପାଦକ ଇଂ ମାନସ କୁମାର ସିଂ, ବୈତରଣୀ ମାଇନ୍ସର ଜେନେରାଲ ମ୍ୟାନେଜର, ରାଜ୍ୟ ହ୍ୟାଣ୍ଡବଲ ସଂଘର ସଭାପତି ବିଳ୍ପବ ଚଉଧୁରୀ, ତଥା ଜିଲ୍ଲା ହ୍ୟାଣ୍ଡବଲ ସଂଘର ସଭାପତି ଇଂ ବସନ୍ତ କୁମାର ଦାନୀ ଯୋଗଦେଇଥିଲେ। ଜିଲ୍ଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ରିତିକ ଅଧିକାରୀ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ ଷ୍ଟାଡିୟମରେ ସାଂସଦ ପାଣ୍ଠିରେ ନିର୍ମିତ ସେଡକୁ ଉଦଘାଟନ କରିଥିଲେ ସାଂସଦ। ୧୬ଟି ଜିଲ୍ଲାର ବାଳକ ଓ ବାଳିକା ଖେଳାଳି ଯୋଗ ଦେଉଥିବା ବେଳେ ଚାମ୍ପିଅନସିପ୍‌ରେ ସମୁଦାୟ ୪୦ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଆସନ୍ତା ୧୩ ତାରିଖରେ ଏହି ଚାମ୍ପିଅନସିପ୍‌ର ଉଦଯାପନୀ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଖେଳକୁ ପରିଚାଳନା ନିମନ୍ତେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବଛାବଛା ୨୦ ଜଣ ରେଫରୀ ନିୟୋଜିତ ହୋଇଛନ୍ତି।

## ଆଦିପୁରରେ ମାଣ୍ଡିଆ ବିହନ ବଣ୍ଟନ



ଖୁଣ୍ଟ, ୧୨।୬(ସମିସ): ୨୦୧୭ରେ ନବୀନ ସରକାରଙ୍କ ସମୟରେ ଆରମ୍ଭ ହୋଇଥଲା 'ଓଡ଼ିଶା ମିଲେଟ୍ ମିଶନ'। ଏହି ମହତ୍ତ୍ୱପୂର୍ଣ୍ଣ ଯୋଜନା ମାଧ୍ୟମରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଚାଷୀ ଆଶାତୀତ ଭାବେ ରୋଜଗାରକ୍ଷମ ହୋଇପାରିଛନ୍ତି। ଏଥିସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମିଲେଟ୍ ପ୍ରୋସେସିଂ ପରେ ସେଥିରୁ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଶୁକୁଳି ବ୍ଲକ୍ ଅନ୍ତର୍ଗତ ଆଦିପୁର ଗ୍ରାମର ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ସଚେତନ କୃଷକ ଚଳିତ ଖରିଫ ଋତୁରେ ମାଣ୍ଡିଆ ଚାଷ କରିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ସାରିଥିବାବେଳେ ଫରୱାର୍ଡ ଏନଜିଓ ଆନୁକୂଲ୍ୟରେ ସଂଯୋଜକ ବିନୋଦ ନାୟକ ଓ ଅତିରିକ୍ତ ବ୍ଲକ୍ ସଂଯୋଜକ (ଶୁକୁଳି) ଅଯୋଧ୍ୟା ବାରିକ ଓ ମା' କିଚକେଶ୍ୱରୀ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ବଳଭଦ୍ର ଘଡ଼ାଇଙ୍କ ଉପସ୍ଥିତିରେ ସେମାନଙ୍କୁ ରାଜ୍ୟ ବିହନ ନିଗମ ଦ୍ୱାରା ପ୍ରସ୍ତୁତ ଉନ୍ନତ ମାନର ମାଣ୍ଡିଆ ବିହନ ବଣ୍ଟନ କରାଯାଇଛି।

## ଉଦଳା ପଞ୍ଚାୟତସମିତି ପକ୍ଷରୁ ବିପର୍ଯ୍ୟୟ ପ୍ରଶମନ ତାଲିମ ଶିବିର

ଉଦଳା,୧୨।୬(ସମିସ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଭୁବନେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଉଦଳା ବ୍ଲକର ଖଲଡି ପଞ୍ଚାୟତ ଅଧୀନସ୍ଥ ବାଥୁଡି ସାଂସ୍କୃତିକ ଭବନ ଓ କୋଚିଲାଡିହା ପଞ୍ଚାୟତ ଅଧୀନସ୍ଥ ସୁଭଦ୍ରା ଶକ୍ତି କେନ୍ଦ୍ରଠାରେ ବିପର୍ଯ୍ୟୟ ପ୍ରଶମନ ୭ ଦିନିଆ ଆବାସିକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୋଚିଲାଡିହା ପଞ୍ଚାୟତର ସରପଞ୍ଚ ସାରମଣି ହେମ୍ବ୍ରମ ଓ ଖଲାଡ଼ି ପଞ୍ଚାୟତର ସରପଞ୍ଚ ସସ୍ମିତା ବାରିକ ଯୋଗ ଦେଇଥିବାବେଳେ ଉଦଯାପନୀ ଉତ୍ସବରେ ଉଦଳା ବ୍ଲକ୍ ବିଡିଓ ସମରଜିତ କର, ଏବିଡିଓ ଶରତ କୁମାର ମହାନ୍ତି, ବିପିଓ ଜଗବନ୍ଧୁ ମହାନ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ପ୍ରଭାମଞ୍ଜରୀ ପଣ୍ଡା ଉପସ୍ଥିତ ଥିଲେ। ଏଥିରେ ଖଲାଡ଼ି ଓ କୋଚିଲାଡିହା ପଞ୍ଚାୟତର ୧୮ରୁ ୩୫ ବର୍ଷୀୟ ୪୦ ଜଣ ଯୁବକ/ଯୁବତୀ ଯୋଗ ଦେଇ ତାଲିମ ଗ୍ରହଣ କରିଥିଲେ। ଗ୍ରାମାଞ୍ଚଳରେ ବିପର୍ଯ୍ୟୟ ସମୟରେ ତୁରନ୍ତ ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷିତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ପ୍ରଭାମଞ୍ଜରୀ ପଣ୍ଡାଙ୍କ ସକ୍ରିୟ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମକୁ ଉଦଳା ବ୍ଲକର ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଭାଗ୍ୟଶ୍ରୀ ନାୟକ ପରିଚାଳନା କରିଥିଲେ।

● ବିଶ୍ୱ ରକ୍ତଦାତା ଦିବସ ପାଳିତ

## ୩୫ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜକ ସମ୍ବର୍ଦ୍ଧିତ

ବାରିପଦା, ୧୨।୬(ସମିସ): ସ୍ଥାନୀୟ ବ୍ଲଡ୍ ବ୍ୟାଙ୍କ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଜୁନ ୧୪ ତାରିଖକୁ ସାରା ବିଶ୍ୱ ଏହି ଦିବସ ପାଳନ କରିଥାଏ। ଚଳିତ ଥର ରବିବାର ଛୁଟି ଦିବସ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏନଏଚଏମ ସମ୍ମିଳନୀ କକ୍ଷରେ ଶୁକ୍ରବାର ଏହା ପାଳିତ ହୋଇଛି। ଏ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନୁର୍ଜୟ ମହାନ୍ତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା ଶଶୀକାନ୍ତ ସେଠୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁନନ୍ଦା ମିଶ୍ର ଓ ଡା. ବିଜୟ କୁମାର ଦାସ ଓ ରକ୍ତ ଭଣ୍ଡାର ଅଧିକାରୀ ଡା. ସୌମ୍ୟରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ରକ୍ତଦାନର ମହତ୍ତ୍ୱ ଓ ଜୀବନ ରକ୍ଷା କ୍ଷେତ୍ରରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜିଲ୍ଲାରେ ରକ୍ତଦାନ ଭଳି ମହତ କାର୍ଯ୍ୟରେ ନିରନ୍ତର ସହଯୋଗ କରିଆସୁଥିବା ୩୫ ଜଣ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଦିବସ ପରିପ୍ରେକ୍ଷୀରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ସମାଜକୁ ଏକ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ମେଡିକାଲର କର୍ମଚାରୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ଉତ୍ସାହର ସହିତ ସାମିଲ ହୋଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।




ଏହି ଶିବିରରୁ ୩୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବ୍ଲଡ୍ ବ୍ୟାଙ୍କର ମେଡିକାଲ ଅଫିସର ଡା ନିଲେଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ରକ୍ତ କେନ୍ଦ୍ରର ସମସ୍ତ କର୍ମଚାରୀଙ୍କ ସହଯୋଗ ଓ ସୁପରିଚାଳନାରେ ଏହି ରକ୍ତଦାନ ଶିବିରଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

## କରଞ୍ଜିଆରେ ଟ୍ରାଫିକ୍ ସମସ୍ୟା ନିରାକରଣ ପାଇଁ ପଦକ୍ଷେପ

କରଞ୍ଜିଆ,୧୨।୬(ସମିସ)

କରଞ୍ଜିଆ ସହରରେ ଦିନକୁ ଦିନ ବଢୁଥିବା ଟ୍ରାଫିକ ସମସ୍ୟା ଓ ସଡ଼କ ଦୁର୍ଘଟଣାକୁ ଦୃଷ୍ଟିରେ ରଖି କରଞ୍ଜିଆ ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ସହରର ମୁଖ୍ୟ ରାସ୍ତାକୁ ପ୍ରଶସ୍ତ କରିବା ସହିତ ଟ୍ରାଫିକ ବ୍ୟବସ୍ଥାକୁ ସୁଗମ କରିବା ପାଇଁ କରଞ୍ଜିଆ ଏନ୍‌ଏସି ପକ୍ଷରୁ ରାସ୍ତା କଡ଼ରେ ଥିବା ଜବରଦଖଲ ହଟାଇବା ନେଇ ଜରୁରୀ ନୋଟିସ୍ ଜାରି କରାଯାଇଛି। କରଞ୍ଜିଆ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ସୂଚନା ଅନୁଯାୟୀ, କରଞ୍ଜିଆ ଗୋଲେଇ ବାଇପାସ ଛକରୁ କରଞ୍ଜିଆ ଏନ୍‌ଏସି ଛକ ପର୍ଯ୍ୟନ୍ତ ବିସ୍ତୃତ ମୁଖ୍ୟ ସଡ଼କର ଉଭୟ ପାର୍ଶ୍ୱରେ ବହୁ ବର୍ଷ ଧରି ସରକାରୀ ଜମି ଦଖଲ କରି ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ, ଅସ୍ଥାୟୀ ଗୁମୁଟି ଓ ଅନ୍ୟାନ୍ୟ ନିର୍ମାଣ କରାଯାଇଥିବା ଦେଖାଯାଇଛି। ଫଳରେ ସଡ଼କର ପ୍ରଶସ୍ତ କମିଯିବା ସହ ଦୈନିକ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ସାଧାରଣ ଲୋକ



### ଜବରଦଖଲ ହଟାଇବାକୁ ୭ ଦିନର ନୋଟିସ୍

ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ସୂଚନା ଦେଇଛି ଯେ, ଉକ୍ତ ରାସ୍ତାର ପ୍ରଶସ୍ତୀକରଣ ଓ ଆଧୁନିକୀକରଣ ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇସାରିଛି। ଖୁବ୍ ଶୀଘ୍ର ପୂର୍ତ୍ତ ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ରାସ୍ତାର ଦୁଇ ପାର୍ଶ୍ୱକୁ ସମ୍ପୂର୍ଣ୍ଣ ଭାବେ ଜବରଦଖଲ ମୁକ୍ତ କରିବା ଆବଶ୍ୟକ ବୋଲି ପ୍ରଶାସନ ମତ ପ୍ରକାଶ କରିଛି। ଏହି ପରିପ୍ରେକ୍ଷୀରେ ସମସ୍ତ ବ୍ୟବସାୟୀ ଓ ଜବରଦଖଲକାରୀଙ୍କୁ ୭ ଦିନ ମଧ୍ୟରେ ସ୍ୱଇଚ୍ଛାରେ ନିଜ ନିଜ ଦଖଲ ହଟାଇବା ପାଇଁ ଅନୁରୋଧ କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଦଖଲ ହଟାଯାଇ ନ ଥିଲେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ଅଭିଯାନ କରାଯିବା ବୋଲି ସ୍ପଷ୍ଟ କରାଯାଇଛି। ଉଚ୍ଛେଦ ସମୟରେ କୌଣସି ନିର୍ମାଣ କିମ୍ବା ସାମଗ୍ରୀର କ୍ଷତି ଘଟିଲେ ସେଥିପାଇଁ ସମ୍ପୃକ୍ତ ବ୍ୟକ୍ତି ନିଜେ ଦାୟୀ ରହିବେ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି।

ସ୍ଥାନୀୟ ବାସିନ୍ଦାଙ୍କ ମତରେ, କରଞ୍ଜିଆ ସହରରେ ଯାନବାହନ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ରାସ୍ତା କଡ଼ରେ ଅନିୟନ୍ତ୍ରିତ ଜବରଦଖଲ ଟ୍ରାଫିକ ସମସ୍ୟାକୁ ଆହୁରି ଜଟିଳ କରିଦେଇଛି। ବିଶେଷକରି ବଜାର ଅଞ୍ଚଳ ଓ ମୁଖ୍ୟ ଛକରେ ପ୍ରତିଦିନ ଟ୍ରାଫିକ୍ ସମସ୍ୟା ଦେଖିବାକୁ ମିଳୁଛି। ଫଳରେ ଜରୁରିକାଳୀନ ସେବା, ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ଗାଡ଼ି ଯାତାୟାତରେ ମଧ୍ୟ ବାଧା ସୃଷ୍ଟି ହେଉଛି। ପ୍ରଶାସନର ଏହି ପଦକ୍ଷେପକୁ ସହରବାସୀ ସ୍ୱାଗତ କରିଥିବାବେଳେ କରଞ୍ଜିଆକୁ ଏକ ଟ୍ରାଫିକ ସମସ୍ୟାମୁକ୍ତ, ଦୁର୍ଘଟଣାମୁକ୍ତ, ସ୍ୱଚ୍ଛ ଓ ସୁନ୍ଦର ସହରରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ପ୍ରଶାସନ ଆହ୍ୱାନ ଜଣାଇଛି। ସହରର ସାମଗ୍ରିକ ବିକାଶ ଓ ଭବିଷ୍ୟତ ପିଢ଼ି ପାଇଁ ଏକ ସୁସଂଗଠିତ ନଗର ପରିବେଶ ଗଢ଼ି ତୋଳିବାରେ ଏହି ଅଭିଯାନ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

# ଋଣ ପରିଶୋଧ କରି ନ ପାରିବାରୁ ଘର ସିଲ୍ କଲା ବ୍ୟାଙ୍କ

କାଳିପଦା, ୧୨।୬ (ସମିସ): ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ବଡାପାଳ ସର୍ଦ୍ଦାର ସାହି ଗ୍ରାମର ଗଣେଶ ଚନ୍ଦ୍ର ମହାନ୍ତି ବାଲିଆପାଳ କାନରା ବ୍ୟାଙ୍କରୁ ତିନି ବର୍ଷ ତଳେ ୧୨ ଲକ୍ଷ ଟଙ୍କା ଗୃହ ଋଣ ଆଣି ଘର ତିଆରି କରିଥିଲେ। ଋଣ ବାବଦକୁ ମାତ୍ର କେତୋଟି କିସ୍ତି ଦେଇ ଆଉ କିସ୍ତି ଦେଲେ ନାହିଁ। ବ୍ୟାଙ୍କ ତାଙ୍କ ପାଖକୁ ନୋଟିସ ପଠାଇଲେ ମଧ୍ୟ ଗଣେଶ ତାହାକୁ ଖାତିର କଲେ ନାହିଁ। ବାରମ୍ବାର ନୋଟିସ ପଠାଇ ନିରାଶ ହେବାରୁ ବ୍ୟାଙ୍କ ଆଇନ ଗତ ସହାୟତା ନେଇ ଆଜି ସ୍ଥାନୀୟ ମାଜିଷ୍ଟ୍ରେଟ ଏଡିସିନାଲ ତହସିଲଦାର ସତ୍ୟବ୍ରତ ପଣ୍ଡାଙ୍କ ଉପସ୍ଥିତିରେ ପୁଲିସ ଫୋର୍ସ ସହାୟତାରେ ଘରୁ ଆସବାବପତ୍ର ଓ ପରିବାର ଲୋକଙ୍କୁ ବାହାର କରି ଘରକୁ ସିଲ କରିଛନ୍ତି। ଗଣେଶ କଲିକତାରେ ଏକ ଶିକ୍ଷାନୁଷ୍ଠାନରେ ଚାକିରୀ କରନ୍ତି। ଗଣେଶ ଘରେ ନ ରହି କେଉଁ ଆଡେ ଆତ୍ମ ଗୋପନ କରିଛି ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି। ତେବେ ଗଣେଶର ରୋଗୀଣା ମା'କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଘରୁ ବାହାର କରି ଦେଇ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଇନ ଅନୁସାରେ ଯାହା କିଛି କରିଛନ୍ତି ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି।



# ରସରାଜ ବଟବିହାରୀ ସ୍ମୃତି କମିଟି ପକ୍ଷରୁ ଜୟନ୍ତୀ ପାଳିତ



ରେମୁଣା,୧୨।୬ (ସମିସ): ରସରାଜ ବାଟବିହାରୀ ଦାସ କମିଟି ରେମୁଣା ତରଫରୁ ରସରାଜ ବଟବିହାରୀ ଦାସଙ୍କର ୨୭ ତମ ଜୟନ୍ତୀ ଉତ୍ସବ ବିଧାନ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଅଭିମନ୍ୟୁ କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ଶ୍ରୀ ଦୁଷ୍ମନ୍ତ କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ କବିତା ପାଠର ପରିଚାଳନା କରିଥିଲେ। ସର୍ବ ପ୍ରଥମେ ସ୍ୱର୍ଗତ ବଟବିହାରୀ ଦାସଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ଓ ଧୂପ ପ୍ରଦାନ କରିଥିଲେ। ଏହା ପରେ କବି ପ୍ରଦୀପ କୁମାର ମିଶ୍ର ମଞ୍ଚ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ଭାବରେ ଡ଼. କାଳୀପଦ ପଣ୍ଡା, ମୁଖ୍ୟ ବକ୍ତା ଶ୍ରୀ ଉପେନ୍ଦ୍ର ବିଶ୍ୱାଳ ବିଶିଷ୍ଟ ଅତିଥି ଡ଼. ନରୋତ୍ତମ ପରିଡା, ଡାକ୍ତର ସତ୍ୟ ରଞ୍ଜନ ଦାସ ପ୍ରମୁଖ ରସରାଜ ବଟବିହାରୀ ଦାସଙ୍କର ବାର୍ଦ୍ଧକ୍ୟ ପ୍ରତିଭା, ସାରସ୍ୱତ ପ୍ରତିଭା, ସମାଜସେବା କ୍ଷେତ୍ରରେ ତାଙ୍କର ଓଡିଶା ପ୍ରତି ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। କବିତା ପାଠୋତ୍ସବରେ ସର୍ବଶ୍ରୀ ଯୋଗେଶ ଚନ୍ଦ୍ର ବେହେରା, ସୁନାମଣି ଜେନା, ପ୍ରଭାକର ସାହୁ, ଦୁଷ୍ମନ୍ତ ଦାସ, ପ୍ରଭାତ ଆଚାର୍ଯ୍ୟ, ବିଜୟ ମହାନ୍ତି, ହରେକୃଷ୍ଣ ପଲେଇ, ଜୟଶ୍ରୀ ମିଶ୍ର, ଅଜିତ କୁମାର ପଣ୍ଡା, ବିଜୟ କୁମାର ମହାନ୍ତି, ମଧୁସୂଦନ ମାଝୀ, ମିନତୀ ଦାସ, ପଦ୍ମଲୋଚନ ପଣ୍ଡା ସ୍ୱରଚିତ କବିତା ପାଠ ସହିତ ସହଯୋଗ କରିଥିଲେ। ହିରାଲାଲ ପାକଳ, ସନ୍ତୋଷ ଦାସ ପରିଚାଳନାରେ ଅଂଶ ଗ୍ରହଣ କରିବା ସହ ସନ୍ତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପୂଜ୍ୟପୂଜା ସଂସଦ ପକ୍ଷରୁ ବୁଢାଗଡ଼ିଆରେ ମେଧା ସମ୍ମାନ ସମାରୋହ



ଖଇରା,୧୨।୬ (ସମିସ): ବାଲେଶ୍ୱର ଜିଲାର ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ବୁଢାଗଡିଆ ଠାରେ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ଶୁକ୍ରବାର ମେଧା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ସଂସଦର ସ୍ଥାୟୀ ସଭାପତି ତଥା ବିଶିଷ୍ଟ ସାହିତ୍ୟକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ଏଥିରେ ପୌରହିତ୍ୟ କରିଥିଲେ। ପ୍ରଥମେ ଖଇରା ବ୍ଲକରେ ମ୍ୟାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ହିମାଂଶୁ ଘଡେଇ, ଦ୍ୱିତୀୟ ହୋଇଥିବା ତନ୍ମୟ ପୃଷ୍ଟି ଏବଂ ଚିନ୍ମୟ ବେହେରାଙ୍କୁ ସୁବାସ-ନିରୁପମା ସମ୍ମାନରେ ସମ୍ମାନୀତ କରାଯିବା ଅବସରରେ ଆର୍ଥୀକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସେହିଭଳି ଓଡିଶା ପ୍ରଶାସନିକ ସେବାରେ ଉତ୍ତୀର୍ଣ୍ଣ ହୋଇଥିବା ବଟେଶ୍ୱର ଗ୍ରାମର ବିଶ୍ୱବିଜୟୀନୀ ଜେନାକୁ ସ୍ୱତନ୍ତ୍ର ଭାବେ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଯୁବନେତା ଅନନ୍ତ ପ୍ରସାଦ ବାରିକ, ସୁବାସ ଚନ୍ଦ୍ର ସାମଲ, ମନୋରଞ୍ଜନ ନାୟକ, ଶ୍ରୀଧର ନାୟକ, ପ୍ରଶାନ୍ତ ବାରିକ, ନାରାୟଣ ମହାକୁଡ, ରମାକାନ୍ତ ମହାନ୍ତି, ମନ୍ମଥ ସାମଲ, ଭାଗବାନ ସେଠୀ, ଶ୍ରୀଧର ସାମଲ, ସଞ୍ଜୁଲତା ବାରିକ ଓ ପଦ୍ମିନୀ ଜେନା ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଖଇରା ବ୍ଲକର ପ୍ରତିଭାମାନେ ଖଇରା ମାଟିର ଗୌରବ ବଢାଇବାକୁ ଆହ୍ୱାନ ଦେଇଥିଲେ। ପଳାସପୁର ଅଙ୍ଗନବାଡି କେନ୍ଦ୍ରର କର୍ମୀ ସଞ୍ଜୁଲତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସଂସଦର ସମସ୍ତ ସଭ୍ୟା ସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦହପଡ଼ାରୁ ଆଇଆଇସି ପ୍ରକଳ୍ପ ହଟାଇବାକୁ ନେଇ ତୀବ୍ର ବିରୋଧ

ବାଲେଶ୍ୱର,୧୨।୬ (ସମିସ)



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଶତାଧିକ ବରିଷ୍ଠ ନାଗରିକ

ରେମୁଣା ତହସିଲ ଅଧୀନ ଦହପଡ଼ା ମୌଜାରେ ପ୍ରସ୍ତାବିତ ସମନ୍ୱିତ ବହୁମୁଖୀ ପ୍ରତିଷ୍ଠାନ (ଆଇଆଇସି) ପ୍ରକଳ୍ପକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଉଦ୍ୟମକୁ ନେଇ ବାଲେଶ୍ୱରରେ ଅସନ୍ତୋଷ ତୀବ୍ର ହୋଇଛି। ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ବରିଷ୍ଠ ନାଗରିକ ଗଣଧାରଣାରେ ବସି ପ୍ରଶାସନର ନିଷ୍ପତ୍ତିକୁ ଖୋଲାଖୋଲି ବିରୋଧ କରିଥିଲେ। ସକାଳ ୮ଟାରୁ ୧୧ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଧାରଣା କେବଳ ଏକ ପ୍ରତିବାଦ ନୁହେଁ, ବରଂ ପ୍ରଶାସନିକ ନିଷ୍ପତ୍ତି ବିରୋଧରେ ଏକ ଶକ୍ତିଶାଳୀ ଜନମତରେ ପରିଣତ ହୋଇଥିଲା। ଧାରଣାକାରୀଙ୍କ ଅଭିଯୋଗ ଅନୁଯାୟୀ, ୨୦୧୯ ମସିହାରେ ଜିଲ୍ଲା ପ୍ରଶାସନ ନିଜେ ଦହପଡ଼ା ମୌଜାର ୨୦ ଏକର ଜମିକୁ ଆଇଆଇସି ପ୍ରକଳ୍ପ ପାଇଁ ଉପଯୁକ୍ତ ବୋଲି ଚିହ୍ନଟ କରିଥିଲା। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନାମରେ ପଟ୍ଟା ମଧ୍ୟ ପ୍ରଦାନ କରାଯାଇଥିଲା। ବୟସ୍କ, ଦିବ୍ୟାଙ୍ଗ ଓ ତୃତୀୟ ଲିଙ୍ଗୀଙ୍କ ପାଇଁ ଥଇଥାନ, ଚିକିତ୍ସା, ପୁନର୍ବାସ ଏବଂ ସ୍ୱାବଲମ୍ବନ ତାଲିମ ଭଳି ଗୁରୁତ୍ୱପୂର୍ଣ୍ଣ ସେବା ଯୋଗାଇବାକୁ ଏହି ପ୍ରକଳ୍ପର ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ପ୍ରକଳ୍ପ ନିର୍ମାଣ ଆରମ୍ଭ ହେବା ପୂର୍ବରୁ ହଠାତ୍ ଦହପଡ଼ାକୁ ଅନୁପଯୁକ୍ତ ଦର୍ଶାଇ ନୀଳଗିରି ତହସିଲର ଜାମୁଡିହା ମୌଜାକୁ ସ୍ଥାନାନ୍ତର ପାଇଁ ଉଦ୍ୟମ ଚାଲିଥିବାରୁ ଜନସାଧାରଣଙ୍କ ମଧ୍ୟରେ ଗଭୀର କ୍ଷୋଭ ସୃଷ୍ଟି ହୋଇଛି। ଧାରଣା ମଞ୍ଚରୁ ବକ୍ତାମାନେ ପ୍ରଶ୍ନ ଉଠାଇଥିଲେ ଯେ, ଯେଉଁ ଜମିକୁ ପୂର୍ବରୁ ସରକାରୀ ଭାବେ ଉପଯୁକ୍ତ ବୋଲି ସ୍ୱୀକୃତି ଦିଆଯାଇଥିଲା, ସେହି ଜମି ହଠାତ୍ କିପରି ଅନୁପଯୁକ୍ତ ହୋଇଗଲା? ସ୍ଥାନ ପରିବର୍ତ୍ତନ ପଛରେ କ'ଣ କାରଣ ରହିଛି ଏବଂ କାହା ସ୍ୱାର୍ଥରେ ଏହି ନିଷ୍ପତ୍ତି ନିଆଯାଉଛି, ତାହା ସ୍ପଷ୍ଟ କରିବାକୁ ସେମାନେ ଦାବି କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଗଣଧାରଣାରେ ବକ୍ତାମାନେ ଦାବି କରିଥିଲେ ଯେ, ଜାମୁଡିହା ଅଞ୍ଚଳ ଇକୋ-ସେନସିଟିଭ ଜୋନ୍ ଏବଂ ହାତୀ କରିଡର ଭିତରେ ରହିଥିବାରୁ ସେଠାରେ ଏପରି ଏକ ବୃହତ୍ ସାମାଜିକ ପ୍ରକଳ୍ପ ନିର୍ମାଣ କରିବା ଉଚିତ ହେବ ନାହିଁ। ଏହା ପରିବେଶ ଓ ସୁରକ୍ଷା ଦୃଷ୍ଟିରୁ ମଧ୍ୟ ପ୍ରଶ୍ନ ସୃଷ୍ଟି କରିବ ବୋଲି ସେମାନେ ମତ ରଖିଥିଲେ। ଧାରଣାରେ ଉପଦେଷ୍ଟା ଗିରୀଶ ଚନ୍ଦ୍ର ଦାଶ, କମଳାକାନ୍ତ ବେହେରା, ସୀତାରାମ ପ୍ରଧାନ, ଉପସଭାନେତ୍ରୀ ଅନସୂୟା ନାୟକ, ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ଓକିଲ ସଂଘ ସଭାପତି ମନୋଜ ନାୟକ, ବିଧାନଚନ୍ଦ୍ର ରାୟ, ଦେବେନ୍ଦ୍ର ଚୌଧୁରୀ, ଦହପଡ଼ା ସରପଞ୍ଚ ପ୍ରଣତି ଜେନା, "ଭିଟାମାଟି ସୁରକ୍ଷା ଆନ୍ଦୋଳନ'ର ନେତା ଅରୁଣ ଜେନାଙ୍କ ସମେତ ବହୁ ବୁଦ୍ଧିଜୀବୀ ଏବଂ ସାମାଜିକ କର୍ମୀ ସାମିଲ ହୋଇ ପ୍ରକଳ୍ପ ସ୍ଥାନାନ୍ତର ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଥିଲେ। ଧାରଣା ଶେଷରେ ମଞ୍ଚର ସମ୍ପାଦକ ଦାମୋଦର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ଦହପଡ଼ାରେ ତୁରନ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରାଯାଇଛି। ଧାରଣାକାରୀମାନେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ, ଯଦି ଦହପଡ଼ାରୁ ପ୍ରକଳ୍ପ ସ୍ଥାନାନ୍ତର ନିଷ୍ପତ୍ତି ପ୍ରତ୍ୟାହାର କରାନଯାଏ ଏବଂ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ନହୁଏ, ତେବେ ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ଗଣଆନ୍ଦୋଳନ ଆରମ୍ଭ କରାଯିବ। ଏହି ପ୍ରସଙ୍ଗ ଏବେ କେବଳ ଏକ ପ୍ରକଳ୍ପର ସ୍ଥାନ ଚୟନରେ ସୀମିତ ନରହି ପ୍ରଶାସନର ସ୍ୱଚ୍ଛତା, ଦାୟିତ୍ୱବୋଧ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ନେଇ ବଡ଼ ପ୍ରଶ୍ନ ଛିଡ଼ା କରିଛି।

# ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇର ବିକ୍ଷୋଭ

ଔପଦା,୧୨।୬ (ସମିସ): ଇକୋ ସେନସିଟିଭ୍ ଜୋନ୍ ବିରୋଧ ଓ ବିଭିନ୍ନ ସ୍ଥାନୀୟ ଜନସମସ୍ୟାର ସମାଧାନ ଦାବିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ନୀଳଗିରି ଅଞ୍ଚଳ କମିଟି ଔପଦା ଶାଖା ପକ୍ଷରୁ ସୋର ବନ୍ୟପ୍ରାଣୀ ବନାଞ୍ଚଳ, ଔପଦା କାର୍ଯ୍ୟାଳୟ ସମ୍ମୁଖରେ ଏକ ସଂଗ୍ରାମୀ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସିପିଆଇ ଯୁବ ନେତା ଅନିରୁଦ୍ଧ ନାୟକଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ହାତରେ ଲାଲ୍‌ଝଣ୍ଡା ଓ ବ୍ୟାନର ଧରି ଔପଦା ବ୍ଲକ ସମ୍ମୁଖ ପଡ଼ିଆରୁ ବାହାରି ବଜାର ପରିକ୍ରମା କରିବା ସହ ଔପଦାସ୍ଥ ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ ଅଭିମୁଖେ ଅଗ୍ରସର ହୋଇଥିଲେ। "ଜନବସତିରେ ଇକୋ ସେନସିଟିଭ୍ ଜୋନ୍ ନୁହେଁ", "ଆଦିବାସୀଙ୍କୁ ବିସ୍ଥାପିତ କରିବା ବନ୍ଦ କର', "ପାହାଡ଼ ପାଦଦେଶରେ ସୋଲାର ତାରବାଡ଼ ଦିଅ' ଏବଂ "ଉନ୍ନୟନମୂଳକ କାର୍ଯ୍ୟରେ ବନ ବିଭାଗର ହସ୍ତକ୍ଷେପ ବନ୍ଦ କର' ଭଳି ସ୍ଲୋଗାନରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। କାର୍ଯ୍ୟାଳୟ ସମ୍ମୁଖରେ ବର୍ଷୀୟାନ ନେତା କୈଳାଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ବାଲେଶ୍ୱର ଜିଲ୍ଲାର ପୂର୍ବତନ ସମ୍ପାଦକ ନିରଞ୍ଜନ ବାରିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ରାଜ୍ୟରେ ନୂତନ ସରକାର ଗଠନ ହେବା ପରଠାରୁ ପ୍ରତି ମାସରେ ପ୍ରତିବାଦ କରାଯାଉଛି। ଆଜିକୁ ମିଶାଇ ପ୍ରାୟ ୨୩ ଥର ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ସମସ୍ୟା ବାବଦରେ ଅବଗତ କରାଯାଇ ସାରିଲାଣି। ସୋର-ଖଇରା ରାସ୍ତାର ପିତାକାଳିଆ ପୋଲ ନିର୍ମାଣ, ଗଡ଼ସାହି ପଞ୍ଚାୟତର ରାଣୀପୋଖରୀ ଗ୍ରାମକୁ ବିଜୁଳି ସଂଯୋଗ, ପିଣ୍ଡାବସା ପ୍ରାଥମିକ ବିଦ୍ୟାଳୟ ମରାମତି ଓ ସ୍ଥାନୀୟ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପ୍ରଦାନ ସହ ଔପଦାରୁ ନୀଳଗିରିକୁ ସଂଯୋଗ କରୁଥିବା ନୀଳଗିରି-ବଡଳଗଡ଼ିଆ ରାସ୍ତାର ତୁରନ୍ତ ମରାମତି କାର୍ଯ୍ୟ କରାଯାଉ। ନଚେତ୍ ଆଗାମୀ ଦିନରେ ପ୍ରଶାସନ ବିରୋଧରେ ଦୁର୍ବାର ଗଣଆନ୍ଦୋଳନ ସୃଷ୍ଟି ହେବ। ଜିଲ୍ଲା ସହ ସମ୍ପାଦକ ତଥା ଆଇନଜୀବୀ ଅଜୟ ପଟ୍ଟନାୟକ ବନ ବିଭାଗର କାର୍ଯ୍ୟଶୈଳୀକୁ ତୀବ୍ର ସମାଲୋଚନା କରି କହିଥିଲେ ଯେ, ଆଇନ ଓ ସମ୍ବିଧାନକୁ ବେଖାତିର କରି ସ୍ଥାନୀୟ ରେଞ୍ଜର ଆଦିବାସୀ ଓ ଦଳିତମାନଙ୍କ ଉପରେ ମିଥ୍ୟା ଆରୋପ ଲଗାଇ ମାମଲା ରୁଜୁ କରୁଛନ୍ତି। ବନ ବିଭାଗର କିଛି କର୍ମଚାରୀଙ୍କ ମଧୁଚନ୍ଦ୍ରିକାରେ ଜଙ୍ଗଲ ଲୁଟ୍ ଓ ହାତୀଦାନ୍ତ ଚୋରା ଚାଲାଣ ଚାଲିଥିବା ବେଳେ ସାଧାରଣ ନିରୀହ ଲୋକଙ୍କୁ ହଇରାଣ ହରକତ କରାଯାଉଛି, ଯାହାକୁ ବରଦାସ୍ତ କରାଯିବ ନାହିଁ। ଜୋନ୍ ସମ୍ପାଦକ ବିଜୟ ସିଂହ ଅଭିଯୋଗ କରିଥିଲେ ଯେ, ହାତୀ କରିଡର ନାମରେ କୁଳଡିହା ଅଭୟାରଣ୍ୟ ସୀମାନ୍ତରେ ଥିବା ୨୦୪ଟି ରାଜସ୍ୱ ଗ୍ରାମର ଲୋକଙ୍କୁ ଇକୋ ସେନସିଟିଭ୍ ଜୋନ୍ ଆଳରେ ବାସଚ୍ୟୁତ କରିବା ପାଇଁ ଏହି ଡବଲ୍ ଇଞ୍ଜିନ ସରକାର ଯୋଜନା କରୁଛନ୍ତି।




# ଓଜେଇରେ ସଫଳତା ପାଇଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧନା

ଖଇରା, ୧୨।୬ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା ଗ୍ରାମ ପଞ୍ଚାୟତ ଅଧୀନ କୁସୁମା ଗ୍ରାମର ବ୍ରହ୍ମାନନ୍ଦ ପ୍ରଧାନ ଓ ଜ୍ୟୋତିରକ୍ଷା ପ୍ରଧାନଙ୍କ ଜ୍ୟେଷ୍ଠପୁତ୍ର ଓମ ପ୍ରକାଶ ପ୍ରଧାନ ଓଜେଇରେ ୫ମସ୍ଥାନ ଅଧିକାର କରି ଖଇରା ପାଇଁ ଗୌରବ ଆଣି ଦେଇଛନ୍ତି। ଏହି ଅବସରରେ ବାଲେଶ୍ୱର ଜିଲାର ସାଇ ସତ୍ୟଜିତ ଟ୍ରଷ୍ଟ ତରଫରୁ ଗୁରୁବାର ଦିନ ସଭାପତି ଅବିନାଶ ମହାପାତ୍ର, ଉପସଭାପତି ଦୀପକ ମହାପାତ୍ର, ବରିଷ୍ଠ ସଦସ୍ୟ ଶ୍ରୀଧର ମହାପାତ୍ର, ସଦସ୍ୟା ଦିବ୍ୟା ଭାରତୀ ଜେନା ଓ ପଦ୍ମିନୀ ଅଧିକାରୀ ପ୍ରମୁଖ ଓମ ପ୍ରକାଶଙ୍କ ବାସଭବନକୁ ଯାଇ ତାଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବାଲେଶ୍ୱର ଏମପି ପ୍ରତାପ ଷଡଙ୍ଗୀ, ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମଧ୍ୟ ଶୁଭେଚ୍ଛା ଜଣାଇଥିବା ନେଇ ପରିବାର ଲୋକ କହିଛନ୍ତି।



# ପୁନଃନିଯୁକ୍ତି ଦାବିରେ ସ୍ୱଚ୍ଛ କର୍ମୀଙ୍କ ଆମରଣ ଅନଶନ



ଜଳେଶ୍ୱର,୧୨।୬ (ସମିସ) : ଜଳେଶ୍ୱର ପୌରାଞ୍ଚଳ ୧୦ନଂ ୱାର୍ଡ ସାନ୍ତିଆ ଗାଁର ମହିଳା ସ୍ୱଚ୍ଛ କର୍ମୀମାନେ ପୁନଃ କର୍ମ ନିଯୁକ୍ତି ଦାବିରେ ମ୍ୟୁନିସିପାଲଟି କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ସୂଚନା ଅନୁସାରେ ସାନ୍ତିଆଠାରେ ଥିବା ସମ୍ପଦ କେନ୍ଦ୍ରରେ ଦୀର୍ଘ ଅଢେଇ ବର୍ଷଧରି ଗ୍ରାମର ୫ଜଣ ମହିଳା ଅସ୍ଥାୟୀ ସ୍ୱଚ୍ଛ କର୍ମୀ ଭାବେ କାର୍ଯ୍ୟକରି ଆସୁଥିଲେ। ଚୁକ୍ତି ସରିଥିବା ଦର୍ଶାଇ ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଅଧିକାରୀଙ୍କୁ ଭେଟି କାର୍ଯ୍ୟରେ ପୁନଃ ଅବସ୍ଥାପିତ ପାଇଁ ନିବେଦନ ପରେ ସର୍ବ ସମ୍ମୁଖରେ ସେମାନେ ନିର୍ଭର ପ୍ରତିଶୃତି ମଧ୍ୟ ପାଇଥିଲେ। କିନ୍ତୁ ସ୍ୱଚ୍ଛ କର୍ମୀଙ୍କୁ ଅଫିସକୁ ଡାକାଇ ଚଞ୍ଚକତାର ସହିତ ଏକ ଲିଖିତ କାଗଜରେ ଦସ୍ତଖତ ନେଇ କାର୍ଯ୍ୟରୁ ନିଲମ୍ବିତ କରିଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ସାଂସଦ ଓ ବିଧାୟକଙ୍କୁ ଭେଟି ମହିଳା କର୍ମୀମାନେ ଗୁହାରି ଜଣାଇଥିଲେ। କୌଣସି ଫଳ ନ ମିଳିବାରୁ ପରିବାର ପ୍ରତିପୋଷଣ ଲାଗି ପୁନଃ କର୍ମ ନିଯୁକ୍ତି ଦାବିରେ ଶୁକ୍ରବାର ସମାଜସେବୀ ଦୁର୍ଗା ଶଙ୍କର ବ୍ରହ୍ମଙ୍କ ନେତୃତ୍ୱରେ ଦେବଶ୍ରୀ ସେନାପତି, ସୁକିନ୍ତି ପାତ୍ର, ଲକ୍ଷ୍ମୀପ୍ରିୟା ସାହୁ, ଗଙ୍ଗାମଣି ସାହୁ, ମମତା ଭୂୟାଁ ପ୍ରମୁଖ ଆମରଣ ଅନଶନରେ ବସିଛନ୍ତି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂଙ୍କୁ ପଚାରିବାରୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦିଆଯାଇଛି। ଆଗାମୀ ରଜ ଛୁଟି ପରେ ଅନଶନକାରୀଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ବନ୍ଦ ହୋଇଥିଲା।

# ଉତ୍କଳ ବାଳାଶ୍ରମରେ ବିଶ୍ୱ ଶିଶୁ ଶ୍ରମିକ ବିରୋଧୀ ଦିବସ ପାଳିତ

ବାଲେଶ୍ୱର,୧୨।୬ (ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ଶିଶୁ ଶ୍ରମିକ ବିରୋଧୀ ଅଭିଯାନ ସିଏସିଏଲ ବାଲେଶ୍ୱର ସହଯୋଗରେ ଉତ୍କଳ ବାଳାଶ୍ରମଠାରେ ବିଶ୍ୱ ଶିଶୁ ଶ୍ରମିକ ବିରୋଧୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଦେୱାନୀ ବିଚାରପତି ତଥ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ସଚିବ ସୁମନ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁ ଶ୍ରମିକ ଦୂରୀକରଣ ଏବଂ ଶିଶୁ ଅଧିକାର ସୁରକ୍ଷାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ସ୍ନିଗ୍ଧା ଦାସ, ସଦସ୍ୟ ଗୌରୀରାଣୀ ଉପାଧ୍ୟାୟ, ଲୋପାମୁଦ୍ରା ମହାପାତ୍ର ଏବଂ ଜାଦବେଶ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ଶିଶୁ ଶ୍ରମ ବନ୍ଦ ପାଇଁ ଆହ୍ୱାନ ଦେବ ସହ ସମସ୍ତ ଶିଶୁ ମାନେ ଶିକ୍ଷା ରେ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଏହି ଅବସରରେ ଶିଶୁ ଶ୍ରମିକ ଦୂରୀକରଣ ବିଷୟବସ୍ତୁ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଯାହା ମାଧ୍ୟମରେ ଶିଶୁମାନଙ୍କୁ କଳା ମାଧ୍ୟମରେ ଶିଶୁ-ଶ୍ରମମୁକ୍ତ ସମାଜର ଦୃଷ୍ଟିକୋଣ ପ୍ରକାଶ କରିବାକୁ ଉତ୍ସାହିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ସିଏସିଏଲ୍ ବାଲେଶ୍ୱର ଜିଲ୍ଲା ଆବାହକ ଉବାଚକ ମହାନ୍ତି ସଂଯୋଜନା କରିଥିଲେ।




# ଯୁବକଙ୍କୁ ତେଲେଙ୍ଗା କଟୁରିରେ ଆକ୍ରମଣ

ରେମୁଣା,୧୨।୬ (ସମିସ): ରେମୁଣା ଥାନା ଅନ୍ତର୍ଗତ ଉଡମ୍ବର ଗ୍ରାମରେ ରାତି ପ୍ରାୟ ୧୧ଟାରେ ଜଣେ ଯୁବକଙ୍କୁ ତେଲେଙ୍ଗା କଟୁରିରେ କିଛି ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। ଯୁବକ ଗୁରୁତର ଅବସ୍ଥାରେ ଫକୀରମୋହନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଉତ୍ତେଜିତ ଗ୍ରାମବାସୀମାନେ ଥାନାରେ ପହଞ୍ଚି ହୋହାଲ୍ଲା କରିଥିଲେ। ରାତି ୧୧ଟା ବେଳେ ମନ୍ଦାରପୁର ପଞ୍ଚାୟତ ଉଡମ୍ବର ଗ୍ରାମର କାର୍ତ୍ତିକ ଦାସଙ୍କ ପୁଅ ପ୍ରଶାନ୍ତ (୨୩) ତାଙ୍କ ଘର ନିକଟ ସୋନ ନଦୀ ବନ୍ଧ ନିକଟରେ ପରିସ୍ରା କରୁଥିବା ବେଳେ ହଠାତ ୪ଜଣ ଯୁବକ ଏକ ବାଇକରେ ଆସି ପ୍ରଶାନ୍ତଙ୍କୁ ତେଲେଙ୍ଗା କଟୁରିରେ ଏକ ଚୋଟ ମାରି ଫେରାର ହୋଇଯାଇଥିଲେ। ଚିତ୍କାର ଶୁଣି ଗାଁର ଲୋକେ ରୁଣ୍ଡ ହୋଇଥିଲେ। ପରିବାର ଲୋକେ ପ୍ରଶାନ୍ତଙ୍କୁ ମେଡିକାଲ କଲେଜକୁ ନେଇଥିଲେ। ବାମ ପାଖ କାନ୍ଧ ତଳେ ଗଭୀର ଆଘାତ ଲାଗିଛି। ଏ ନେଇ ପ୍ରଶାନ୍ତଙ୍କ ଦାଦା ଦୀନବନ୍ଧୁ ଦାସଙ୍କ ସମେତ ଗ୍ରାମବାସୀ ମାନେ ଥାନାରେ ପହଞ୍ଚି ଆକ୍ରମଣକାରୀ ମନ୍ଦାରପୁରର ଗିରିଧାରୀ ଦାସଙ୍କ ପୁଅ ମୁନୁ, ସର୍ବେଶ୍ୱର ଦାସଙ୍କ ପୁଅ ଚନ୍ଦନ, ମେଣ୍ଢରା ଗ୍ରାମର ସ୍ୱର୍ଗତ ଇନ୍ଦ୍ରମୋହନ ପ୍ରଧାନଙ୍କ ପୁଅ ପ୍ରମୋଦଙ୍କ ସମେତ ସାମିଲ ଥିବା ଅନ୍ୟ ୨ ଅଭିଯୁକ୍ତ ମାନଙ୍କୁ ଗିରଫ ପାଇଁ ଦାବି କରିଥିଲେ। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଟିପିଏନ୍‌ଓଡିଏଲ୍ ପକ୍ଷରୁ ରାଇରଙ୍ଗପୁରରେ ନୂତନ ମିଟରିଂ ଷ୍ଟୋର୍ ଉଦ୍‌ଘାଟିତ

ବାଲେଶ୍ୱର/ରାଇରଙ୍ଗପୁର, ୧୨।୬ (ସମିସ):

ଉପଭୋକ୍ତାମାନଙ୍କୁ ଅଧିକ ସୁବିଧାଜନକ ଏବଂ ଗୁଣାତ୍ମକ ସେବା ପ୍ରଦାନ କରିବା ଲକ୍ଷ୍ୟରେ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍) ଆଜି ରାଇରଙ୍ଗପୁରରେ ନିଜର ଚତୁର୍ଥ ମିଟରିଂ ଷ୍ଟୋରର ଉଦଘାଟନ କରିଛି। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଦୁଷ୍ୟନ୍ତ କୁମାର ତ୍ୟାଗୀ ଶୁକ୍ରବାର ଦିନ ଟିପିଏନଓଡିଏଲ୍ ଅପରେସନ ମୁଖ୍ୟ ନିଲେଶ ପୋଟଫଡେ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ବାରିପଦା ଅଧିକ୍ଷଣ ଯନ୍ତ୍ରୀ ଦେବଦତ୍ତ ପଣ୍ଡା ଓ ଅନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦ୍‌ଘାଟନ କରିଛନ୍ତି। ଉତ୍ତର ଓଡ଼ିଶାରେ ମୋଟ ୧୩ଟି ମିଟରିଂ ଷ୍ଟୋର ସ୍ଥାପନ କରିବା ନେଇ ଟିପିଏନଓଡିଏଲ୍ ଯୋଜନା ରଖିଥିବାବେଳେ ରାଇରଙ୍ଗପୁରରେ ଚତୁର୍ଥ ଷ୍ଟୋର ଲୋକାର୍ପିତ ହୋଇଛି। ପ୍ରଥମ ମିଟରିଂ ଷ୍ଟୋର ୨୦୨୫ ଅଗଷ୍ଟରେ ବାଲେଶ୍ୱରର ବାଲିଆରେ ଉଦଘାଟିତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ କେନ୍ଦୁଝର ଜିଲ୍ଲାର ଯୋଡ଼ା ଓ ଆନନ୍ଦପୁରରେ ଦୁଇଟି ଷ୍ଟୋର ଲୋକାର୍ପିତ ହୋଇଥିଲା। ଖୁବଶୀଘ୍ର ଆଉ ୯ଟି ମିଟରିଂ ଷ୍ଟୋର କାର୍ଯ୍ୟକ୍ଷମ କରିବା ନେଇ ଟିପିଏନଓଡିଏଲ୍ ଯୋଜନା ରଖିଛି। ଏହା ଦ୍ୱାରା ଉପଭୋକ୍ତାମାନେ ନିଜ ଅଞ୍ଚଳରେ ସହଜରେ ମିଟର ସମ୍ବନ୍ଧୀୟ ସେବା ଓ ସହାୟତା ପାଇପାରିବେ। ଏହି ଅବସରରେ ସିଇଓ ଶ୍ରୀ ତ୍ୟାଗୀ କହିଥିଲେ, ଆମର ମିଟରିଂ ଷ୍ଟୋରଗୁଡ଼ିକ ଉପଭକ୍ତାଙ୍କୁ ଉତ୍ତମ, ସଠିକ୍ ଏବଂ ସୁବିଧାଜନକ ସେବା ପ୍ରଦାନ କରିବା ଲକ୍ଷ୍ୟରେ ସ୍ଥାପିତ ହୋଇଛି। ଏହି ପଦକ୍ଷେପ ଆମର ସେବା ପ୍ରଦାନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ଏବଂ ପ୍ରତ୍ୟେକ ଗ୍ରାହକଙ୍କୁ ସହଜରେ ମିଟରିଂ ସମସ୍ୟା ନେଇ ସମାଧାନ ଉପଲବ୍ଧ କରିବ। ଏହି ମିଟରିଂ ଷ୍ଟୋରଗୁଡ଼ିକୁ ସ୍ଥାନୀୟ ଅଞ୍ଚଳରେ ସେବା କେନ୍ଦ୍ର ଭାବେ ବିକଶିତ କରାଯାଇଛି, ଯେଉଁଠାରେ ଗ୍ରାହକମାନେ ମିଟର ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇପାରିବେ। ଏହା ଦ୍ୱାରା ମିଟର ସମ୍ବନ୍ଧୀୟ ସହାୟତା ପାଇଁ ଗ୍ରାହକଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ପ୍ରତ୍ୟେକ ଷ୍ଟୋରରେ 'ଅବଲୋକନ' ନାମରେ ଏକ ଟେଷ୍ଟିଂ ବେଞ୍ଚ ବ୍ୟବସ୍ଥା ରହିଛି, ଯାହା ମାଧ୍ୟମରେ ମିଟରର ସଠିକତା ପରୀକ୍ଷା କରାଯାଇପାରିବ। ଏହା ଗ୍ରାହକଙ୍କ ମଧ୍ୟରେ ବିଲିଂ ପ୍ରକ୍ରିୟା ପ୍ରତି ବିଶ୍ୱାସ ବୃଦ୍ଧି କରିବା ସହ ବିବାଦ ହ୍ରାସ କରିବ। ଏଥିସହିତ ମିଟର ସ୍ଥାପନ, ମିଟର ପରିବର୍ତ୍ତନ ଏବଂ ବିଲିଂ ସହାୟତା ଭଳି ସେବା ମଧ୍ୟ ଏହି ଷ୍ଟୋରରେ ଏକ ସ୍ଥାନରେ ଉପଲବ୍ଧ ହେବ।



# ସିମୁଳିଆ ଛକରୁ ମାର୍କେଟ ରାସ୍ତା ଶୋଚନୀୟ

କାଳିପଦା, ୧୨।୬ (ସମିସ): ବାଲିଆପାଳ ବସ୍ତା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ସିମୁଳିଆ ଛକରୁ ମାର୍କେଟ ରାସ୍ତା ଏବେ ମରାମତି ଅଭାବରୁ ଶୋଚନୀୟ ହୋଇ ପଡିଛି। ସ୍ଥାନୀୟ ଲୋକ ବାରମ୍ବାର ବିଭାଗକୁ ଜଣାଇ ଆସିଥିଲେ ମଧ୍ୟ ଅଦ୍ୟାବଧି କୌଣସି ପ୍ରତିକାର ହୋଇ ନ ଥିବା ପ୍ରକାଶ। ଏକ କିଲୋମିଟରରୁ କମ୍ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତା କେତେ ବର୍ଷ ତଳେ ହୋଇ ଥିଲା। ମାତ୍ର ଦୀର୍ଘ ବର୍ଷ ହେବ ମରାମତି ନ ହେବା କାରଣରୁ ରାସ୍ତାଟି ଏବେ ଅଗମ୍ୟ ହୋଇଛି କହିଲେ ଚଳେ। ରାସ୍ତାର ବହୁ ଜାଗାରୁ କଂକ୍ରିଟ ଫାଟି ଯିବା ସହିତ ରାସ୍ତାରୁ କଂକ୍ରିଟ ଉଠି ଯାଇଛି। ରାସ୍ତା ଦବି ଯାଇ ଖାଲ ଖମା ସୃଷ୍ଟି ହୋଇଛି। ଦୈନନ୍ଦିନ ଏହି ରାସ୍ତା ଦେଇ ପରିବା ଚାଷୀ ଓ ଅନ୍ୟ ବ୍ୟବସାୟୀ ମାର୍କେଟକୁ ଯାଆନ୍ତି। ସାଧାରଣ ଲୋକ ଦୁଇ ଚକିଆ ଓ ତିନି ଚକିଆ ଅଥବା ଚାରି ଚକିଆ ଯାନରେ ଯିବା ଆସିବା କଷ୍ଟ କର ହେଉଛି। ମଧୁପୁରା ପଞ୍ଚାୟତ ଅଧିନରେ ଏହି ରାସ୍ତା ପଡୁ ଥିବାରୁ ପଞ୍ଚାୟତ କତୃପକ୍ଷ ମଧ୍ୟ ଏହି ରାସ୍ତାକୁ ମରାମତି କରି ପାରନ୍ତେ। ମାତ୍ର କରୁ ନଥିବାରୁ ଅସନ୍ତୋଷ ଦେଖା ଦେଇଛି। ଆଗକୁ ବର୍ଷା ଋତୁ ଆସୁଥିବାରୁ ରାସ୍ତା ଅବସ୍ଥା ଆହୁରି ଅଧିକ ଶୋଚନୀୟ ହେବ। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଥବା ପଞ୍ଚାୟତ ରାସ୍ତା ମରାମତି କରୁ ବୋଲି ଭୂପତି ସାହୁ, ଅନନ୍ତ ସାହୁ, ଖଗେନ୍ଦ୍ର ଜେନା, ସନ୍ୟାସୀ ଜେନା, ସଞ୍ଜୟ ନାୟକ, ଖଗେଶ୍ୱର ଜେନା, ମଧୁ ସୂଦନ ସାହୁ, ଗଗନ ସାହୁ, ମୁକୁନ୍ଦ ମୁରାରୀ ଜେନା, ଗଣପତି ଗିରି, ଭୋଳାନାଥ ସିଂ, ଯଯାତି ଜେନା ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

